# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 14 June – 2024

---

# କାମଚଳା ବାଚସ୍ପତି

ବିଜେଡିର ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଧାନସଭାର କାମଚଳା ବାଚସ୍ପତି ହେବେ। ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରାଜ୍ୟପାଳ ରଘୁବର ଦାସ ଶ୍ରୀ ସ୍ୱାଇଁଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଛନ୍ତି। ରାଜ୍ୟପାଳ’ ଆଜି ଶ୍ରୀ ସ୍ୱାଇଁଙ୍କୁ କାମଚଳା ବାଚସ୍ପତି ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଆସନ୍ତା ୧୮ ଓ ୧୯ ତାରିଖରେ ନବନିର୍ବାଚିତ ବିଧାୟକମାନଙ୍କୁ କାମଚଳ ବାଚସ୍ପତି ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଓଡ଼ିଶା ବିଧାନସଭାର ବାଚସ୍ପତି ଚୟନ ଆସନ୍ତା ୨୦ ତାରିଖରେ ହେବ ବୋଲି ଆମ ଭୁବନେଶ୍ୱର ସମ୍ବାଦଦାତା ଜଣାଇଛନ୍ତି।

ଅନ୍ୟପକ୍ଷରେ ଚଳିତ ମାସ ୨୬ ତାରିଖରେ ଲୋକସଭା ବାଚସ୍ପତି ଚୟନ ପାଇଁ ନିର୍ବାଚନ ହେବା ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ଆସନ୍ତା ୨୭ ତାରିଖରେ ସମ୍ବୋଧିତ କରିବେ। ଏହା ପୂର୍ବରୁ କାମଚଳା ବାଚସ୍ପତି ଆସନ୍ତା ୨୪ ଏବଂ ୨୫ ତାରିଖରେ ନବନିର୍ବାଚିତ ଲୋକସଭା ସାଂସଦମାନଙ୍କୁ ଶପଥ ପାଠ କରାଇବେ।

---

# କେନ୍ଦ୍ର ବଜେଟ୍

କେନ୍ଦ୍ର ସରକାର ଆସନ୍ତା ଜୁଲାଇ ମାସର ତୃତୀୟ ସପ୍ତାହରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ସଂସଦରେ ଉପସ୍ଥାପନ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ମାସ ୧୭ ତାରିଖ ସୁଦ୍ଧା ବିଭିନ୍ନ ମନ୍ତ୍ରଣାଳୟ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହ ପ୍ରାକ୍ ବଜେଟ୍ ବୈଠକ ଆରମ୍ଭ କରିବେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହୋଇ ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଧିବେଶନରେ ନବନିର୍ବାଚିତ ସଦସ୍ୟମାନେ ଶପଥ ନେବା ସହିତ ବାଚସ୍ପତି ନିର୍ବାଚନ, ରାଷ୍ଟ୍ରପତିଙ୍କ ଅଭିଭାଷଣ ଏବଂ ଅନ୍ୟ କେତେକ ପ୍ରସଙ୍ଗ ଉପରେ ସଂସଦରେ ଆଲୋଚନା ହେବ ।

# ଶିକ୍ଷା ମନ୍ତ୍ରଣାଳୟ ପରାମର୍ଶ

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ଶିକ୍ଷା ଅଧିକାର ଏବଂ ପୋଷଣ ସହାୟତା ସୁନିଶ୍ଚିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ପରାମର୍ଶ ଜାରି କରାଯାଇଛି । ସରକାରୀ, ସରକାର ଅନୁଦାନପ୍ରାପ୍ତ, ଆବାସିକ ଏବଂ ସ୍ୱତନ୍ତ୍ର ସ୍କୁଲ ଗୁଡ଼ିକରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ୟୁନିଫର୍ମ ପୋଷାକ ଏବଂ ପାଠ୍ୟପୁସ୍ତକ ଯୋଗାଇ ଦେବା ପାଇଁ କୁହାଯାଇଛି । ଜାତୀୟ

ଶିକ୍ଷାନୀତି–୨୦୨୦ର ଉଦ୍ଦେଶ୍ୟକୁ ସୁନିଶ୍ଚିତ କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା  ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି ।

## ସ୍ନାନ ଯାତ୍ରା ନୀତିନିର୍ଘଣ୍ଟ

ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନଙ୍କର ଚଳିତ ବର୍ଷର ସ୍ନାନଯାତ୍ରାକୁ ଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ ଆଜି ନୀତି ଉପକମିଟି ଏବଂ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ । ରାଜେନ୍ଦ୍ରାଭିଷେକଠାରୁ ସ୍ନାନଯାତ୍ରା ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ କାର୍ଯ୍ୟସୂଚୀ ଏହି ଦୁଇ ବୈଠକରେ ଅନୁମୋଦନ କରାଯିବ । ଚଳିତ ମାସ ୧୬ ତାରିଖରେ ଶ୍ରୀଜୀଉମାନଙ୍କର ରାଜେନ୍ଦ୍ରାଭିଷେକ ଏବଂ ୨୬ ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ । ସେହିଭଳି ଜୁଲାଇ ମାସ ୭ ତାରିଖରେ ଶ୍ରୀଜୀଉମାନଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ଶ୍ରୀଗୁଣ୍ଡିଚା ଯାତ୍ରା ହେବ । ୧୩ ଦିନିଆ ପକ୍ଷ ପଡୁଥିବାରୁ ଗୋଟିଏ ଦିନରେ ଅଣସର ପରବର୍ତ୍ତୀ ଗୁପ୍ତନୀତି, ନବଯୌବନ ଦର୍ଶନ ଏବଂ  ଶ୍ରୀଗୁଣ୍ଡିଚା ଯାତ୍ରା ହେବ ।

## ସ୍କୁଲ ଖୋଲିବ

ରାଜ୍ୟରେ ଆସନ୍ତା ୧୮ ତାରିଖରୁ ସ୍କୁଲ ଖୋଲିବାର ପ୍ରଥମ ଦିନରୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଅବଗତ କରାଯାଇଛି ।

ସୂଚନାଯୋଗ୍ୟ, ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀ ପୋଷଣ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି ।

## ଜଳବାହିତ ରୋଗର ସଚେତନତା

ରାଜ୍ୟର ସମସ୍ତ ଜିଲ୍ଲାରେ ଜୁଲାଇ ପହିଲାରୁ ବର୍ଷା ଦିନିଆ ରୋଗ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି । ଜଳ ଓ କୀଟବାହୀ ରୋଗ ସମ୍ପର୍କିତ ସଚେତନତା ରଥ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩ ମାସ ଧରି ସମସ୍ତ ଜିଲ୍ଲା ଏବଂ ବ୍ଲକ ବୁଲି ଲୋକମାନଙ୍କୁ ସଚେତନ କରାଇବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ।

## ରକ୍ତଦାତା ଦିବସ

ରକ୍ତଦାନର ମହତ୍ତ୍ୱ ଏବଂ ରକ୍ତଦାନକୁ ପ୍ରୋତ୍ସାହିତ କରିବା ସହିତ ରକ୍ତର ଆବଶ୍ୟକତା ସମ୍ପର୍କରେ ସଚେତନ କରାଇବା ପାଇଁ ଆଜି ସମଗ୍ର ପୃଥିବୀରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରଯାଉଛି । ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ କାର୍ଲ ଲ୍ୟାଣ୍ଡଷ୍ଟିନ୍' ବ୍ଲଡ୍‌ଗ୍ରୁପ୍ ଆବିଷ୍କାର କରିଥିଲେ । ଏଥିପାଇଁ ତାଙ୍କୁ ୧୯୩୦ ମସିହାରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ମହାନ୍ ବୈଜ୍ଞାନିକଙ୍କର ଜନ୍ମ ଦିବସକୁ ସ୍ମରଣ କରିବା ପାଇଁ ଗତ ୨୦ ବର୍ଷ ଧରି ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ବିଶ୍ୱ ରକ୍ତଦାତା ଦିବସର ବାର୍ତ୍ତା ହେଲା **'ଦାନର ୨୦ ବର୍ଷର ଖୁସି ପାଳନ– ରକ୍ତଦାତାଙ୍କୁ ଧନ୍ୟବାଦ'** ।

# ରଜ ପର୍ବ

ରାଜ୍ୟର କୃଷିଭିତ୍ତିକ ତିନିଦିନିଆ ଗଣପର୍ବ ରଜ ଆଜିଠାରୁ ଆରମ୍ଭ ହୋଇଛି। ଆସନ୍ତାକାଲି ରଜସଂକ୍ରାନ୍ତି ଏବଂ ତା' ପରଦିନ ଭୂମିଦହନ ପାଳନ କରାଯିବ। ଶୁଖିଲା ଭୂଇଁରେ ବର୍ଷାପାଣି ପଡ଼ିବା ପରେ ମାଟିର ପ୍ରଜନନ ଶକ୍ତି ବଢ଼ିଥାଏ। ସେଥିପାଇଁ ଏହି ତିନିଦିନ ଜମିରେ ଚାଷ କରାଯାଇନଥାଏ। ପରମ୍ପରା ଅନୁସାରେ ଏହି ତିନିଦିନ ବିଶ୍ରାମ ଏବଂ ମନୋରଞ୍ଜନର ସମୟ ହୋଇଥିବାରୁ ଗାଁଠୁ ପୁରପଲ୍ଲୀ ପର୍ଯ୍ୟନ୍ତ ରଜ ପାଳନ କରାଯାଇଥାଏ। ରଜରେ ଝିଅମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ଦୋଳୀ ଖେଳିଥାନ୍ତି। ପିଠାପଣାର ଆୟୋଜନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯାଇଥାଏ। ରଜପର୍ବର ଚତୁର୍ଥ ଦିନରେ ବସୁମତୀ ସ୍ନାନ କରାଯିବା ସହିତ ଏହି ପର୍ବ ଶେଷ ହୋଇଥାଏ।

ରଜ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରଜ ଆମ ଓଡ଼ିଆ ସଂସ୍କୃତିର ଏକ ମହାନ୍ ଗଣପର୍ବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।